# Akashvani, Sambalpur

## SAMBALPURI NEWS EVENING BULLETIN

## 20 June 2026-7.02- 7.12 pm.

---

୧- ରାଜ୍ୟବାସୀଙ୍କର୍ ସପନ୍ ପୁରା କର୍ବାର୍ ଲାଗି ଗଲା ୨ ବଛ୍‌ରେ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା କାର୍ଯ୍ୟକାରୀ କରିଛନ୍ ସର୍‌କାର୍ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ରାଇରଙ୍ଗ୍‌ପୁର୍ ଠାନେ ୪୭ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍  ଭିନ୍ ଭିନ୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ ।

୨- ପି.ଏମ୍. କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ଆଏଜ୍ ୧୮ ହଜାର୍ ୮ ଶହ ୮୦ କୋଟିର୍ ସାହାଜ୍ ଟଙ୍କା ଦେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଶେଷ୍ ହେଇଛେ ସମ୍ବଲପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ।

ଆଉର୍

୪- ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ ଲାଗି ସାରା ଦେଶେ ସର୍‌ଲା ପ୍ରସ୍ତୁତି ।

ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁହେଁ ମିଶିକରି ଆଏଜ୍ ମୟୁର୍‌ଭଞ୍ଜ୍ ଜିଲ୍ଲା ରାଇରଙ୍ଗ୍‌ପୁର୍ ଠାନେ ୪୭ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ଇ ସବୁ ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ଶକ୍ତି, ଭିତିଭୂମି ତିଆର୍, ସ୍ୱାସ୍ଥ୍ୟସେବା, ଶିକ୍ଷା ଆଉ ଜଲ୍‌ସେଚନ୍ ବାଗିର୍ କ୍ଷେତ୍ର ରହିଛେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଜନସମାବେଶ୍‌କେ ଉଦ୍‌ବୋଧନ୍ ଦେଇକରି କହିଛନ୍, ରାଜ୍ୟ ସର୍‌କାର୍ ଗଲା ୨ ବଛର୍ ଭିତ୍‌ରେ ସବୁ କ୍ଷେତ୍ରଥି ବିକାଶ୍‌ମୂଲକ୍ କାମ୍‌କେ ଜୋର୍ ଦେଇକରି ଲୋକ୍‌ମାନ୍‌କର୍ ଭଲ୍ ଲାଗି କାମ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାନ୍ତାଳି ଭାଷାଥି ସମ୍ବିଧାନ୍ ତିଆର୍ କରାଯାଇଥିବାର୍ କଥା କହେବାର୍ ସହେତେ ଓଡ଼ିଶାର୍ ସୁସନ୍ତାନ୍ ମାନ୍‌କୁ ପଦ୍ମ ସମ୍ମାନ୍‌ଥି ସମ୍ମାନିତ୍

କରାଯାଇଥିବାର୍ ବାବ୍ଦେ ଭିଲ୍ କହିଛନ୍ । ଶ୍ରୀ ମୋଦୀ କହିଛନ୍, ଗଲା ୨ ବଛ୍ରେ ରାଜ୍ୟ ସର୍କାର୍ ଲୋକ୍ମାନ୍କର୍ ସପନ୍ ସାକାର୍ କର୍ବାର୍ ଦିଗେ ସଫଲ୍ ହେଇଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି କହିଛନ୍, ରାଜ୍ୟ ସର୍କାର୍ ଗଲା ୨ ବଛ୍ରେ ମହିଳା, ଗରିବ୍, ଅନ୍ନଦାତା, ଅନୁସୂଚିତ ଜାତି ଆଉ ପଛୁଆବର୍ଗ ମାନ୍କର୍ ଲାଗି ଭିନ୍ ଭିନ୍ ଜନକଲ୍ୟାଣ୍କାରୀ ଯୋଜ୍ନା ଲାଗୁ କରିଛନ୍ । ରାଜ୍ୟର୍ କଲ୍ୟାଣ୍ ଲାଗି ସର୍କାର୍ଙ୍କର୍ ତର୍ଫୁ ନିରନ୍ତର୍ ଚେରେଷ୍ଟା ଜାରି ରହେବା । ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ୍ ଆଉ ସାଧାରଣ୍ ଲୁକଙ୍କର୍ ଜୀବନ୍ ଜୀଇଁବାର୍ ଶୈଲୀଥି ଇ ସମିଆ ଭିତ୍ରେ ବହୁତ୍ ପରିବର୍ତନ୍ ଆସିଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ରାଷ୍ଟ୍ରପତି ଗସ୍ତ - ୨ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ଗସ୍ତର୍ ପହେଲା ଦିନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଇରଙ୍ଗ୍‌ପୁର୍ ପୁଲିସ୍ ଜିଲ୍ଲା ସହେତେ ଅଲ୍‌ଗା କେତେଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ଗଲାକାଏଲ୍ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଇରଙ୍ଗ୍‌ପୁର୍ ନ ପୁହୁଁଚିବାର୍ ଉତ୍‌ରୁ ଗୁଟେ ମେଡ଼ିକାଲ୍ କେମ୍ପ୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସେଠାନେ କାମ୍ କରୁଥିବା କର୍ମଚାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ଇ ଅବ୍‌ସରେ ରାଷ୍ଟ୍ରପତି ଗ୍ରାମୀଣ୍ ଜଳଯୋଗାଣ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବାର୍ ସହେତେ ବ୍ରହ୍ମକୁମାରୀଙ୍କର୍ ମାତୃଶକ୍ତି ଭବନ୍ ଆଉ ଗୁଟେ ଖାସ୍ ସାର୍କିଟ୍ ହାଉସ୍‌ର ଉଦ୍‌ଘାଟନ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ଅଗଷ୍ଟ ମାସେ ମୟୁର୍‌ଭଞ୍ଜ୍ ପୁଲିସ୍ ଜିଲ୍ଲାର୍ ପୁର୍ନଗଠନ୍ କରାଯାଇକରି ରାଇରଙ୍ଗ୍‌ପୁର୍ ପୁଲିସ୍ ଜିଲ୍ଲା ବନାଯାଇଥିଲା । ଇ ନୂଆଁ ପୁଲିସ୍ ଜିଲ୍ଲା ଅଧୀନ୍‌ଥି ୨ ଟା ପୁଲିସ୍ ଉପଖଣ୍ଡ ଆଉ ୧୪ ଟା ଥାନା ରହିଛେ ।

ରାଷ୍ଟ୍ରପତି ଗସ୍ତ - ୩ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ପୈତୃକ ଗାଁ ପାହାଡ଼ପୁର୍ ନ ପୁହୁଁଚିଲା ଉତ୍‌ରୁ ରାଷ୍ଟ୍ରପତିଙ୍କର୍ ୬୮ ତମ ଜନମ୍‌ଦିନ୍ ପାଲନ୍ ଉସ୍ବବ୍‌ଥି ଯୋଗ୍ ଦେଇଥିଲେ । ପାହାଡ଼ପୁର୍ ଠାନେ ପୁହୁଁଚିବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀଙ୍କୁ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱାଗତ୍ କରିଥିଲେ । ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀ ଦୁହେଁ ଆଦିବାସୀ ଉପାସନା ସ୍ଥଲୀ ସାନ୍ତାଳି ଜାହେରା ଆଉ ହୋ ଜାହେରା ନ ପ୍ରାର୍ଥନା କରିଥିଲେ । ଇ ଅବ୍‌ସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଉ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ପାହାଡ଼୍‌ପୁର୍ ବିଦ୍ୟାଳୟ ସହେତେ ଦକ୍ଷତା ବିକାଶ୍ କେନ୍ଦ୍ର ପରିଦର୍ଶନ୍ କରିକରି ସେନର୍ ଆଦିବାସୀ ସମ୍ପ୍ରଦାୟ ମାନ୍‌କର୍ ସାଙ୍ଗେ କଥାବାର୍ତା କରିଛନ୍ । ଦକ୍ଷତା ବିକାଶ୍ କେନ୍ଦ୍ର ନ ପ୍ରଧାନ୍‌ମନ୍ତ୍ରୀ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିବାର୍ ଜନାପଡ଼ିଛେ ।

ରାଷ୍ଟ୍ରପତି ଜନମ୍‌ଦିନ୍ ହି.ସ.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ତାଙ୍କର୍ ୬୮ ତମ ଜନମ୍ ଦିନ୍ ପାଲନ୍ କରିଛନ୍ । ଇ ଅବ୍‌ସରେ ଉପରାଷ୍ଟ୍ରପତି ସି.ପି.

ରାଧାକ୍ରିଷ୍ଣନ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତିଙ୍କର୍ ଦେଶ୍‌ସେବା ସମ୍‌କୁ ପ୍ରେରଣା ଯୁଗେଇଛେ ବଲି କହେବାର୍ ସହେତେ ତାଙ୍କର୍ ଲମ୍ଭା, ନିରାମୟ ଜୀବନ୍ କାମନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଓଡ଼ିଶାମାଟିର୍ ଅନନ୍ୟ ଗୌରବ୍ ଦେଶ୍ ଲାଗି ପ୍ରେରଣା ଆଉ ସଂକଳ୍ପର୍ ପ୍ରତୀକ ବଲି କହିକରି ତାଙ୍କର୍ ଲମ୍ଭା ଜୀବନ୍ ଆଉ ମଙ୍ଗଳ କାମନା କରିଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ପ୍ରମୁଖ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଜନମ୍‌ଦିନ୍‌ର ଶୁଭେଚ୍ଛା ଜନେଇଛନ୍ ।

ପି.ଏମ୍ କିଷାନ୍ ଯୋଜ୍‌ନା ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପି.ଏମ୍ କିଷାନ୍ ଯୋଜ୍‌ନାର୍ ୨୩ ନମ୍ବର୍ କିସ୍ତି ବାଂଟିଛନ୍ । ପଶ୍ଚିମବଙ୍ଗ୍ ହୁଗୁଲି ଜିଲ୍ଲା ନ

ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ୯ କୋଟି ୪୪ ଲାଖ୍ ନୁ ଅଏତ୍‌କା ଚାଷୀଙ୍କର୍ ବେଙ୍କ୍ ଏକାଉଂଟ୍‌କେ ୧୮ ହଜାର୍ ୮ ଶହ ୮୦ କୋଟି ଟଙ୍କା ସିଧାସଖଲ୍ ଦେଇଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଆଭାସୀ ଜରିଏ ସମ୍ବୋଧନ୍ ଭିଲ୍ କରିଛନ୍ । ୨୦୧୯ ମସିହାନୁ ଇ ଯୋଜ୍‌ନାଥି ଏବ୍‌ତକ୍ ୧୧ କୋଟିନୁ ଅଏତକା ଚାଷୀଙ୍କର୍ ଖାତାକେ ୨୨ ଟା କିସ୍ତିଥି ପାଖାପାଖି ସାଢ଼େ ୪ ଲାଖ୍ କୋଟି ଅଏତ୍‌କା ଟଙ୍କା ଦିଆଯାଇଛେ ।

ଶୀତଲ୍‌ଷଷ୍ଠୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଆଏଜ୍ ଶେଷ୍ ହେଇଛେ । ଗଲାକାଏଲ୍ ଅଧ୍‌ରାତିନୁ ନନ୍ଦପଡ଼ାର୍ ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍ ଜାଗେଶ୍ୱର୍ ବାବା, ବଡ଼ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର ପାହାଡ଼େଶ୍ୱର ବାବା, ବାଲିବନ୍ଧାର୍ ସୋମ୍‌ନାଥ୍ ବାବା ମ୍ୟୁନିସିପାଲ୍‌ଟି ଛକ୍‌ର ଗୁପ୍ତେଶ୍ୱର୍ ମହାଦେବ୍

ବାବା, ଫାଟକ୍‌ର ମହାକାଲେଶ୍ୱର୍ ବାବା ଆର୍ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥଥି ନଗର ପରିକ୍ରମା କରିଥିଲେ ।

ଇ ନଗର୍ ପରିକ୍ରମା ଶୋଭାଯାତ୍ରାଥି ରାଜ୍ୟର୍ ଭିନ୍ ଭିନ୍ ପାରମ୍ପରିକ୍ ଲୋକ୍‌ନାଚ୍ ଗୀତ୍, ଦୁଲ୍‌ଦୁଲିଥି ସହର୍ ଗଜ୍‌ଗଜେଇ ଯାଇଥିଲା । ସାରା ରାତି ହଜାର୍ ହଜାର୍ ଲୋକ୍ ଯାତ୍ରା ଦେଖିଥିଲେ । ଆଏଜ୍ ପହପହନୁ କେତେ ଘଂଟାର୍ ବିଶ୍ରାମ୍ ଉତ୍‌ରୁ ଯାତ୍ରା ଫେର୍ ମୁଲ୍ ହେଇଥିଲା । ଦିନ୍‌ବେଲାର୍ ଜୋର୍ ଖରାଥି ଭିଲ୍ ବାହାରୁ ଆସିଥିବା ଦେଖିନାହାରିଙ୍କର୍ ତହଁକ୍ ନାଇଁ କମିଥାଇ ।

ଆକାଶ୍‌ବାଣୀ ତର୍‌ଫୁ ଆଏଜ୍ ସଖାଲ୍ ବେଲା ଯାତ୍ରା କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ କରାଯାଇଥିଲା । ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ପୀଠ ନ ପୁହୁଁଚିଥିଲେ । ଯାତ୍ରା ଯାଉଥିବାର୍ ରାସ୍ତାଥି ଠାନେ ଠାନେ ଭକ୍ତମାନେ ଦେବଦମ୍ପତିଙ୍କୁ ବନ୍ଦେଇ ଥିବାର୍ ବେଲେ ମହାଆଲ୍‌ତୀ ଉତ୍‌ରୁ ମନ୍ଦିର୍ ପ୍ରବେଶ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ପୁଲିସ୍ ତର୍‌ଫୁ କଡ଼ା ସୁରକ୍ଷା ବନ୍ଦୋବସ୍ତ ହେଇଥିବାର୍ ବେଲେ କେହେନି ପ୍ରକାରର୍ ଅଘଟନ୍ ନାଇଁ ଘଟିଥିବାର୍‌ନୁ ଯାତ୍ରା ଆୟୋଜକ୍ ଆର୍ ପ୍ରଶାସନ୍ ଆଶ୍ୱସ୍ତି ହେଇଛେ । ଭିନ୍ ଭିନ୍ ସାମାଜିକ ଆର୍

ନାଗରିକ ଅନୁଷ୍ଠାନ୍ ତର୍‌ଫୁ ଦେଖ୍‌ନାହାରିଙ୍କୁ ପିଇବାର୍ ପାଏନ୍, ସର୍‌ବତ୍ ଆର୍ ଜଲ୍‌ଖିଆ ବଂଟାଯାଇଥିଲା । ଆଏଜ୍ ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଗଲା ଅଖିତୃତୀୟାନୁ ମୁଲ୍ ହେଇଥିବା ଶୀତଲ୍‌ଷଷ୍ଠୀ ଯାତ୍ରା ଉସତ୍ ଉସ୍‌ନାକି ସହେତେ ଶେଷ୍ ହେଇଛେ ।

ସୁବର୍ଣ୍ଣପୁର ଜିଲ୍ଲା ନ ଶୀତଲ୍‌ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେଇଛେ ।

ସୁବର୍ଣ୍ଣପୁର୍‌ର ବାବା ସୁବର୍ଣ୍ଣମେରୁଙ୍କର୍ ସହେତେ ବୈଦ୍ୟନାଥର ବାବା କୋଶଲେଶ୍ୱର୍, ଚରଦାର୍ ବାବା କପିଲେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର୍ ଆଉ ଗୋଧନେଶ୍ୱରଙ୍କର୍ ପୀଠ ନ ଚାଲିଥିବା ଶିବ-ପାର୍ବତୀଙ୍କର୍ ବିବାହ ଉସ୍ଵବ୍ ପର୍ବ ସର୍‌ଲା ଉତ୍‌ରୁ ଆଏଜ୍ ଦେବଦମ୍ପତି ମନ୍ଦିର୍ ପ୍ରବେଶ୍ କରିଛନ୍ । ମନ୍ଦିର୍ ବିଜେ ଆଘୋନୁ ମହାଦେବ୍ ବାବା ଆଉ ଦେବୀ ପାର୍ବତୀଙ୍କର୍ ସାଂସ୍କୃତିକ ଶୋଭାଯାତ୍ରାଥି ହଜାର୍ ହଜାର୍ ଶ୍ରଦ୍ଧାଳୁ ସାମିଲ୍ ହେଇଥିଲେ ।

ଅନ୍ତର୍ଜାତୀୟ ଯୋଗ ଦିବସ ଏନ୍‌ଏସ୍‌ଡି

ଆଏବା କାଏଲ୍ ୧୨ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ସାରା ପୁର୍‌ଥି ନ ପାଲନ୍ କରାଯିବା । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ସ୍ୱାସ୍ଥ୍ୟକର ବୟସ ଲାଗି ଯୋଗ' । ଇ ଅବ୍‌ସରେ ସଂସ୍କୃତି ମନ୍ତ୍ରଣାଳୟ ତର୍‌ଫୁ ଦେଶର୍ ଶହେ ଟା ଜାଗା ନ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ଦିଲ୍ଲୀର୍ ଅଖିଳ ଭାରତୀୟ ଆୟୁର୍ବେଦ୍ ପ୍ରତିଷ୍ଠାନ୍ ତର୍‌ଫୁ ଆଏଜ୍ ରନ୍ ଫର୍ ଯୋଗ ଆଉ ଜୁମ୍ବା ଅଧିବେଶନ୍ ଆୟୋଜନ୍ କରାଯାଇଛେ । ଅନ୍ତର୍ଜାତୀୟ ଯୋଗ ଦିବସ୍‌ର ମୁଖ୍ୟ ଜାତୀୟ ସମାରୋହ କୋଲ୍‌କାତାର ଐତିହାସିକ୍ ରେଡ୍ ରୋଡ୍ ଠାନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ପାଲନ୍ କରାଯିବା ।

ଏନ୍‌ଟିଏ- ମକ୍‌ଡ୍ରିଲ୍        ଏନ୍‌ଏସ୍‌ଡି

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍-ଏନ୍‌ଟିଏ ତର୍‌ଫୁ ଆଏବା କାଏଲ୍ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ ୟୁଜି-୨୦୨୬ର ପୁନଃ ପରୀକ୍ଷା ହେବା । ଇଥିର୍‌ଲାଗି ଆଏଜ୍ ସାରା ଦେଶେ ଏନ୍‌ଟିଏ ତର୍‌ଫୁ ମକ୍‌ଡ୍ରିଲ୍ କରାଯାଇଛେ । ସଖାଲର୍ ୯ ବଜେନୁ ମୁଲ୍ ହେଇଥିବା ଇ ଅଭ୍ୟାସ୍ ସାରା ଦିନ୍ ଚାଲିଛେ । ସାରା ଦେଶେ

ପରୀକ୍ଷା କେନ୍ଦ୍ରମାନ୍‌କେ କରାଯାଉଥିବା ଇ ଅଭ୍ୟାସ୍‌ଥି ଅଢ଼େଇ ଲାଖ୍ ନୁ ଅଏତ୍‌କା ସୁରକ୍ଷା କର୍ମଚାରୀ ଭାଗ୍ ନେଇଛନ୍ । ଭାରତ୍‌ର ୫ ଶହ ୫୧ ଟା ସହର୍ ଆଉ ବିଦେଶ୍‌ର ୧୪ ଟା ସହର୍ ନ ୨୨ ଲାଖ୍ ୭୯ ହଜାର୍‌ନୁ ଅଏତ୍‌କା ପରୀକ୍ଷାର୍ଥୀଙ୍କର୍ ଲାଗି ଆଏବା କାଏଲ୍ ଇ ପରୀକ୍ଷା କରାଯିବା ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ । ପରୀକ୍ଷାଥୀ ସିସିଟିଭି ନିରୀକ୍ଷଣ୍ ବ୍ୟବସ୍ଥା ସହେତେ ଆଧାର୍ ଆଧାରିତ୍ ଚିହ୍ନଟ୍ ପ୍ରମାଣିକରଣ୍ ଆଉ ଜିପିଏସ୍ ସମର୍ଥିତ୍ ଗାଡ଼ି ବେଭାର୍ କରାଯିବା ବଲି ଜନାପଡ଼ିଛେ ।

ଶରଣାର୍ଥୀ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶରଣାର୍ଥୀ ମାନ୍‌କର୍ ସଂଘର୍ଷକେ ଜନାବାର୍, ସେମାନ୍‌କୁ ସମବେଦନା ଜନେଇକରି ସହଯୋଗ୍‌ର ହାତ୍ ବଢ଼ାବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଶରଣାର୍ଥୀ ଦିବସ୍ ପାଲନ୍ କରାଯାଉଛେ । ଏଛ୍‌ନିର୍ ସମିଆଥି ଶରଣାର୍ଥୀ ସମସ୍ୟା ଗୁଟେ ବିଶ୍ୱସ୍ତରୀୟ ସମସ୍ୟା ପାଲ୍‌ଟିଛେ । ଇତାର୍ ମୁକାବିଲା ଲାଗି ସାରା ପୁର୍‌ଥି ନ ଚେରେଷ୍ଟା ଚାଲିଛେ । ଯୁଦ୍ଧ, ଦରିଦ୍ରତା ଆଉ

ଭିନ୍ ଭିନ୍ କାରଣ୍‌ନୁ ଶରଣାର୍ଥୀ ହେଇଥିବାର୍ ଲୁକ୍‌କୁ ସେମାନ୍‌କର୍ ଘର୍‌କେ ଫିରେଇ ନେବାର୍ ଲାଗି ମିଳିତ ଜାତିସଂଘ ତର୍‌ଫୁ ଜରୁରୀ ପଦକ୍ଷେପ୍ ମାନ୍ ନିଆଯାଉଛେ ।

ନୂଆପଡ଼ା- ଧାନ୍ ବିକ୍ରି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଚଲ୍‌ତି ବଛର୍ ରବି ଋତୁଥି ୪୪ ଟା ଧାନ୍ ଘିନା କେନ୍ଦ୍ର ଜରିଏ ଗଲାକାଏଲ୍‌ତକ୍ ୬ ଶହ ୩୬ ଝନ୍ ଚାଷୀ ୩୧ ହଜାର୍ ୬ ଶହ ୭୦ କ୍ୱିଂଟାଲ୍‌ନୁ ଅଏତ୍‌କା ଧାନ୍ ବିକିଛନ୍ । ଏବ୍‌ତକ୍ ୬ ହଜାର୍ ୯ ଶହ ୩୯ ଝନ୍ ଚାଷୀ ୩ ଲାଖ୍ ୫୪ ହଜାର୍ ୪ ଶହ ୪୯ କ୍ୱିଂଟାଲ୍ ଧାନ୍ ବିକିଥିବାର୍ ସୂଚ୍‌ନା ମିଳିଛେ ।

ସଚେତନତା ବୈଠକ୍-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଶିଶୁ ଆଉ କିଶୋର ଶ୍ରମିକ୍ ନିରାକରଣ୍ ସଚେତନତା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ

ତାଲ୍‌ମେଲ୍ ରଖିକରି ଶିଶୁ ଶ୍ରମିକ୍ ଚିହ୍ନଟ୍ ସହେତେ ସେମାନ୍‌କୁ ଉଦ୍ଧାର୍ କରିକରି ପୁନର୍ବାସ୍ କରାବାର୍ ଉପ୍‌ରେ ଜୋର୍ ଦିଆୟାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ମୌସୁମୀର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ହେଇୟାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଉତର୍ ଓଡ଼ିଶା ଆଉ ଦକ୍ଷିଣ୍ ଉପକୂଳ ଓଡ଼ିଶାର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ରବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାୟାଇଛେ ।